Candidate must not write on this margin.

# CSM—7/22

# GENERAL STUDIES

# ସାଧାରଣ ଜ୍ଞାନ

## PAPER—IV

**Time : 3 Hours**

ସମୟ : ୩ ଘଣ୍ଟା

**Full Marks : 250**

ପୂର୍ଣ୍ଣ ସଂଖ୍ୟା : ୨୫୦

*The figures in the right-hand margin indicate marks.*

ଖାତାର ଡ଼ାହାଣ ପଟେ ପ୍ରତ୍ୟେକ ପ୍ରଶ୍ନର ମାର୍କ ଦର୍ଶାଯାଇଛି ।

*Candidates should attempt* ***all*** *questions of* **GROUP–A** *with word limit of 300 words and should attempt* ***any*** **10(*ten*)** *questions from* **GROUP–B** *with word limit of 250 words.*

ପରୀକ୍ଷାର୍ଥୀମାନେ **GROUP–A** ରୁ ମସସ୍ତ ପ୍ରଶ୍ନ ୩୦୦ ଶବ୍ଦ ମଧ୍ୟରେ ଉତ୍ତର ଦେବେ ଏବଂ **GROUP–B** ରୁ ଯେକୌଣସି **୧୦**ଟି ପ୍ରଶ୍ନ ୨୫୦ ଶବ୍ଦ ମଧ୍ୟରେ ଉତ୍ତର ସୀମିତ ରଖିବେ ।

## GROUP—A

**1.** Explain the major determinants of ethical actions with suitable examples. 20

ଉପଯୁକ୍ତ ଉଦାହରଣ ସହ ନୈତିକ କାର୍ଯ୍ୟଗୁଡ଼ିକର ପ୍ରମୁଖ ନିର୍ଦ୍ଧାରକ ଗୁଡ଼ିକୁ ବ୍ୟାଖ୍ୟା କର ।

**( OR/କିମ୍ବା )**

Explain specific ethical practices in the personal, organizational and public spheres and practices that are binding to all spheres by citing examples of great administrators. 20

ମହାନ ପ୍ରଶାସକଙ୍କ ଉଦାହରଣ ଦର୍ଶାଇ ସମସ୍ତ କ୍ଷେତ୍ରକୁ ବାନ୍ଧି ରଖୁଥିବା ବ୍ୟକ୍ତିଗତ, ସାଙ୍ଗଠନିକ ଏବଂ ସାର୍ବଜନୀନ କ୍ଷେତ୍ର ଏବଂ ଅଭ୍ୟାସରେ ନିର୍ଦ୍ଦିଷ୍ଟ ନୈତିକ ଅଭ୍ୟାସଗୁଡ଼ିକର ବ୍ୟାଖ୍ୟା କର ।

**2.** Integrity is all-inclusive. Elaborate on it, mentioning all types of integrity and their constituents as relevant to civil servants. Provide appropriate examples as required. 20

ବିଶ୍ୱାସନୀୟତା ସର୍ବ-ଅନ୍ତର୍ନିବେଶୀ ଅଟେ । ସମସ୍ତ ପ୍ରକାର ବିଶ୍ୱାସନୀୟତା ଏବଂ ସେଗୁଡ଼ିକର ଉପାଦାନ ସରକାରୀ କର୍ମଚାରୀଙ୍କ ପାଇଁ ପ୍ରାସଙ୍ଗିକ ବୋଲି ଉଲ୍ଲେଖ କରି ଏହି ଉକ୍ତିକୁ ବିସ୍ତାର କର । ଆବଶ୍ୟକ ଅନୁସାରେ ଉପଯୁକ୍ତ ଉଦାହରଣ ପ୍ରଦାନ କର ।

Candidate must not write on this margin.

**( OR/କିମ୍ବା )**

Normative ethics is universal and prescriptive ethics is contextual. In this context, explain how the former acts as principles of the latter, with suitable instantiation. 20

ସାଧାରଣ (Normative) ନୈତିକତା ସାର୍ବଜନୀନ ଏବଂ ଉପଦେଶାତ୍ମକ (Prescriptive) ନୈତିକତା ପ୍ରାସଙ୍ଗିକ ଅଟେ । ଏହି ପରିପ୍ରେକ୍ଷୀରେ ପୂର୍ବୋକ୍ତ କାର୍ଯ୍ୟଧାରା କିପରି ପରବର୍ତ୍ତୀ ପାଇଁ ନୀତି ଭାବେ କାର୍ଯ୍ୟ କରେ ଉପଯୁକ୍ତ ଉଦାହରଣ ସହ ବ୍ୟାଖ୍ୟା କର ।

**3.** Discuss ten major aptitudes indispensable for a good civil servant with suitable examples. 20

ଉପଯୁକ୍ତ ଉଦାହରଣ ସହ ଜଣେ ଉତ୍ତମ ସରକାରୀ କର୍ମଚାରୀଙ୍କ ପାଇଁ ଦଶଟି ପ୍ରମୁଖ ମନୋବୃତ୍ତି ବିଷୟରେ ଆଲୋଚନା କର ।

**( OR/କିମ୍ବା )**

Explain how a proper and balanced blend of attitude and aptitude can make one a successful administrator. 20

ମନୋବୃତ୍ତିର ଏକ ଉପଯୁକ୍ତ ଏବଂ ସନ୍ତୁଳିତ ମିଶ୍ରଣ କିପରି ଜଣକୁ ସଫଳ ପ୍ରଶାସକ କରିପାରିବ ବ୍ୟାଖ୍ୟା କର ।

**4.** India has diverse cultures and people and many live under terrible conditions. To deal with their situation and progress, sketch out a model of empathetic and compassionate governance. 20

ଭାରତର ବିବିଧ ସଂସ୍କୃତି ଓ ଲୋକ ଅଛନ୍ତି ଏବଂ ଅନେକ ଭୟଙ୍କର ଅବସ୍ଥାରେ ବାସ କରନ୍ତି । ସେମାନଙ୍କ ପରିସ୍ଥିତି ଓ ପ୍ରଗତିର ପରିଚାଳନା ନିମିତ୍ତ ସହାନୁଭୂତିଶୀଳ ଏବଂ ଦୟାଳୁ ଶାସନର ଏକ ମଡେଲ୍ ପ୍ରସ୍ତୁତ କର ।

**( OR/କିମ୍ବା )**

Utkalmani Gopabandhu Das was a social reformist who personified morality, tradition and modernity with emotional intelligence. Explain. 20

ଉତ୍କଳମଣି ଗୋପବନ୍ଧୁ ଦାସ ଜଣେ ସମାଜ ସଂସ୍କାରକ ଯିଏ ନୈତିକତା, ପରମ୍ପରା ଏବଂ ଆଧୁନିକତାକୁ ଆବେଗିକ ବୁଦ୍ଧି ସହିତ ବ୍ୟକ୍ତ କରିଥିଲେ । ବ୍ୟାଖ୍ୟା କର ।

5. Kant has given three formulations of the categorical imperative as the following :

କାଣ୍ଟ ନିମ୍ନୋକ୍ତ ଭାବେ ବର୍ଗଗତ ଆବଶ୍ୟକତା ଗୁଡ଼ିକର (categorical imperative) ତିନୋଟି ସୂତ୍ର ଦେଇଛନ୍ତି ।

*(a)* Act so that the maxim of your action should become a universal law;

ଏପରି କାର୍ଯ୍ୟ କର, ଯାହାଦ୍ୱାରା ନିଜ କାର୍ଯ୍ୟର ସିଦ୍ଧାନ୍ତ ଏକ ସାର୍ବଜନୀନ ନିୟମ ହେବ ।

*(b)* Treat humanity in every case as an end in themselves, never as a means only;

ପ୍ରତ୍ୟେକ କ୍ଷେତ୍ରରେ ନମ୍ରତାକୁ ଲକ୍ଷ୍ୟ ରୂପେ ବ୍ୟବହାର କର, କେବଳ ମାଧ୍ୟମ ଭାବରେ ନୁହେଁ ।

*(c)* Every rational person is both subject and ruler of the kingdom of ends.

ପ୍ରତ୍ୟେକ ଯୁକ୍ତିଯୁକ୍ତ ବ୍ୟକ୍ତି ରାଜ୍ୟର ଉଭୟ ପ୍ରଜା ଓ ଶାସକ ଅଟନ୍ତି ।

Explicate these three in the context of civil servants. 20

ସରକାରୀ କର୍ମଚାରୀଙ୍କ ପ୍ରସଙ୍ଗରେ ଏହି ତିନୋଟିକୁ ସ୍ପଷ୍ଟ କର ।

**( OR/କିମ୍ବା )**

With suitable examples, elucidate both positive and negative sides of consequentialist ethics, if exclusively followed for governance. 20

ଉପଯୁକ୍ତ ଉଦାହରଣ ସହ ଫଳାଫଳଗତ ନୈତିକତାର ଉଭୟ ସକାରାତ୍ମକ ଏବଂ ନକାରାତ୍ମକ ଦିଗକୁ ବର୍ଣ୍ଣନା କର, ଯଦି ଶାସନ ପାଇଁ ଅନୁସରଣ କରାଯାଏ ।

## GROUP—B

6. Discuss Aristotle's notion of virtue ethics and how it is conducive to private, organizational and public transactions. 15

ଗୁଣବତ୍ତା ନୈତିକତା ଉପରେ ଆରିଷ୍ଟୋଟଲଙ୍କ ଧାରଣା ଏବଂ ଏହା ବ୍ୟକ୍ତିଗତ, ସାଂଗଠନିକ ଏବଂ ଜନସାଧାରଣ କାରବାର ପାଇଁ କିପରି ଅନୁକୂଳ ତାହା ଆଲୋଚନା କର ।

7. Discuss the ethical dimensions associated with the utilization of the public fund. 15

ପାଣ୍ଠିର ବିନିଯୋଗ ସହିତ ଜଡ଼ିତ ନୈତିକ ଦିଗଗୁଡ଼ିକ ବିଷୟରେ ଆଲୋଚନା କର ।

8. Why are transparency and the Right to Information adopted for the administration? Explain. 15

ପ୍ରଶାସନ ପାଇଁ ସ୍ୱଚ୍ଛତା ଏବଂ ସୂଚନା ଦେବାର ଅଧିକାର କାହିଁକି ଗ୍ରହଣ କରାଯାଇ ଥାଏ? ବୁଝାଅ ।

**Candidate must not write on this margin.**

**9.** It is often found that some of the constructions at public places, like bridges and flyovers, break down at the stage of half-construction or immediate completion. These are obviously due to corruption. In this context, analyze the lack of moral integrity, improper attitude and constraints that lead to corruption and simultaneously suggest the preventive steps involving accountability and transparency. 15

ପ୍ରାୟତଃ ଦେଖାଯାଏ ଯେ ବ୍ରିଜ୍, ଫ୍ଲାଏଓଭର ପରି ସର୍ବସାଧାରଣ ସ୍ଥାନରେ କିଛି ଅର୍ଦ୍ଧନିର୍ମିତ କିମ୍ବା ତୁରନ୍ତ ସମାପ୍ତ ହେବା ଅବସ୍ଥାରେ ଭାଙ୍ଗିଯାଏ । ଏହା ସ୍ପଷ୍ଟଭାବେ ଦୁର୍ନୀତି ଯୋଗୁଁ ହୋଇଥାଏ । ଏହି ପରିପ୍ରେକ୍ଷୀରେ ନୈତିକ ବିଶ୍ୱାସନୀୟତା, ଅନୁପଯୁକ୍ତ ମନୋବୃତ୍ତି ଏବଂ ପ୍ରତିବନ୍ଧକଗୁଡ଼ିକୁ ବିଶ୍ଳେଷଣ କର ଯାହା ଦୁର୍ନୀତି ଦିଗରେ ଆଗେଇ ନେଇଥାଏ ଏବଂ ଏକା ସାଙ୍ଗରେ ଉତ୍ତରଦାୟିତ୍ୱ ଏବଂ ସ୍ୱଚ୍ଛତା ସହ ପ୍ରତିଷେଧକ ପଦକ୍ଷେପଗୁଡ଼ିକର ପରାମର୍ଶ ଦିଅ ।

**10.** Explain the moral obligations based on which the corporate responsibility is fixed. 15

ନୈତିକ ଦାୟିତ୍ୱଗୁଡ଼ିକ ବ୍ୟାଖ୍ୟା କର ଯାହାକୁ ଆଧାର କରି କର୍ପୋରେଟ ଦାୟିତ୍ୱ ସ୍ଥିର ହୋଇଛି?

**11.** Ahimsa (non-violence), Satya (truthfulness), Asteya (non-stealing), Brahmacharya (regard for the divinity over lust) and Aparigraha (avoiding excess possession) are five virtues accepted by many systems and they are regarded as common moral virtues. How can a public administrator adopt them, furthering his service to the public? Explain. 15

ଅହିଂସା, ସତ୍ୟ, ଆସ୍ତେୟ (ଚୋରି ନ କରିବା), ବ୍ରହ୍ମଶ୍ଚର୍ଯ୍ୟ (ଲୋଭ ଉପରେ ଈଶ୍ୱରଙ୍କ ପ୍ରତି ସମ୍ମାନ) ଏବଂ ଅପରିଗ୍ରହ (ଅତ୍ୟଧିକ ଅଧିକାର ଠାରୁ ଦୂରେଇ ରହିବା) ଆଦି ପାଞ୍ଚଟି ଗୁଣ ଅନେକ ବ୍ୟବସ୍ଥା ଦ୍ୱାରା ଗ୍ରହଣ କରାଯାଇଥାଏ ଏବଂ ସେଗୁଡ଼ିକ ସାଧାରଣ ନୈତିକ ଗୁଣଭାବେ ବିବେଚନା କରାଯାଏ । ଜଣେ ସାଧାରଣ ପ୍ରଶାସକ ଏଗୁଡ଼ିକୁ କିପରି ଗ୍ରହଣ କରିବେ ଏବଂ ଜନସାଧାରଣଙ୍କ ପ୍ରତି ନିଜର ସେବାକୁ ଆଗକୁ ନେଇ ପାରିବେ । ବୁଝାଅ ।

**12.** Sometimes, due to empathy, a humanistic attitude and dedication to public service, an administrator is likely to think to bend the rules and become lenient a little, which could legally help a person. However, to be humanistic, adopting empathy and dedication to public interests are moral, but bending the rules and being lenient is illegal. Explain this dilemma arising here and try to resolve it. 15

ବେଳେବେଳେ ସମାନୁଭୂତି, ମାନବବାଦୀ ମନୋବୃତ୍ତି ଏବଂ ଜନ ସେବା ପ୍ରତି ତ୍ୟାଗ ହେତୁ ଜଣେ ପ୍ରଶାସକ ନିୟମକୁ ବଙ୍କା କରି ଟିକିଏ ବିନମ୍ର ହେବାକୁ ଚିନ୍ତା କରନ୍ତି ଯାହା ଆଇନଗତ ଭାବେ ଜଣେ ବ୍ୟକ୍ତିଙ୍କୁ ସାହାଯ୍ୟ କରେ । ତଥାପି, ମାନବବାଦୀ ହେବା, ସମାନୁଭୂତି ଏବଂ ଜନସାଧାରଣଙ୍କ ସ୍ୱାର୍ଥ ପ୍ରତି ତ୍ୟାଗ ଦେଖାଇବା ନୈତିକ ଅଟେ, ନିୟମକୁ ବଙ୍କା କରିବା ଏବଂ ବିନମ୍ର ହେବା ଅବୈଧ ଅଟେ । ଏଠାରେ ସୃଷ୍ଟିହେଉଥିବା ଏହି ଦ୍ୱନ୍ଦ୍ୱକୁ ବ୍ୟାଖ୍ୟା କର ଏବଂ ଏହାର ସମାଧାନ କରିବାକୁ ଚେଷ୍ଟା କର ।

Candidate must not write on this margin.

**13.** Evaluate the reformative administration of Sardar Vallabhbhai Patel, the first Home Minister of Independent India, highlighting his moral integrity, attitudes and aptitudes with suitable instances. 15

ଉପଯୁକ୍ତ ଉଦାହରଣଗୁଡ଼ିକ ସହ ସ୍ୱାଧୀନ ଭାରତର ପ୍ରଥମ ଗୃହମନ୍ତ୍ରୀ ସର୍ଦ୍ଦାର ବଲଭଭାଇ ପଟେଲଙ୍କ ନୈତିକ ବିଶ୍ୱାସନୀୟତା, ମନୋବୃତ୍ତି ଏବଂ ଆଭିମୁଖ୍ୟକୁ ଆଲୋକପାତ କରି ତାଙ୍କ ସଂସ୍କାରମୂଳକ ପ୍ରଶାସନର ମୂଲ୍ୟାୟନ କର ।

**14.** Protocols and Codes of Conduct are prescriptive. However, most of these are based upon some cultural and moral values and norms. Explicate these values and norms with appropriate instances. 15

ପ୍ରୋଟକଲ୍ ଏବଂ ଆଚରଣ ସଂହିତା ଉପଦେଶାତ୍ମକ (prescriptive) । ତଥାପି, ଏଥିମଧ୍ୟରୁ ଅଧିକାଂଶ କେତେକ ସାଂସ୍କୃତିକ ଏବଂ ନୈତିକ ମୂଲ୍ୟବୋଧ ଏବଂ ଆଦର୍ଶ ଉପରେ ଆଧାରିତ । ଉପଯୁକ୍ତ ଉଦାହରଣ ସହ ଏହି ମୂଲ୍ୟବୋଧ ଏବଂ ଆଦର୍ଶକୁ ବ୍ୟାଖ୍ୟା କର ।

**15.** How can a subordinate district-level civil servant maintain impartiality and dutifulness by adopting perfect attitude and aptitude while working with hostile political and administrative super-ordinates and misinformed public? Explain with suitable examples of situations. 15

ଶତ୍ରୁ ଭାବାପନ୍ନ ରାଜନୈତିକ ଏବଂ ପ୍ରଶାସନିକ ଉପରିସ୍ଥ ପ୍ରଶାସନିକ ଅଧିକାରୀ ଏବଂ ଭ୍ରମାତ୍ମକ ଜନସାଧାରଣଙ୍କ ସହିତ କାର୍ଯ୍ୟ କରୁଥିବା ସମୟରେ ଜଣେ ଅଧସ୍ତନ ଜିଲ୍ଲା ସ୍ତରର ସରକାରୀ କର୍ମଚାରୀ ଶୁଦ୍ଧ ମନୋବୃତ୍ତି ଏବଂ ଦକ୍ଷତା ଗ୍ରହଣ କରି ନିରପେକ୍ଷତା ଏବଂ କର୍ତ୍ତବ୍ୟନିଷ୍ଠା ବଜାୟ ରଖି ପାରିବେ? ଉପଯୁକ୍ତ ଉଦାହରଣ ସହ ବୁଝାଅ ।

**16.** The administration, politics and public life were expected to be satisfying in Post-Independent India. However, the situation is worsening in some States. Find the moral and attitudinal explanations thereof and suggest how the situation will improve. 15

ସ୍ୱାଧୀନତା ପରବର୍ତ୍ତୀ ଭାରତରେ ପ୍ରଶାସନ, ରାଜନୀତି ଏବଂ ସାଧାରଣ ଜୀବନ ସନ୍ତୋଷଜନକ ହେବ ବୋଲି ଆଶା କରାଯାଉଥିଲା । ତେବେ, କେତେକ ରାଜ୍ୟରେ ଅବସ୍ଥା ଅତିମାତ୍ରାରେ ବିଗିଡ଼ି ଯାଉଛି । ଏହାର ନୈତିକ ଏବଂ ମନୋଭାବ ଆଧାରିତ ବ୍ୟାଖ୍ୟା ଖୋଜ ଏବଂ ଏହି ପରିସ୍ଥିତିର କିପରି ଅଭିବୃଦ୍ଧି ଘଟିବ ପରାମର୍ଶ ଦିଅ ।

Candidate must not write on this margin.

Candidate must not write on this margin.

**17.** There was a young civil servant named Wangchu. He was virtuous and just. He has the right attitude and aptitude, but the only thing is that he never bends to illegal and immoral people and their actions. He faced them as he used to take action against them, directly or indirectly. For this, he suffered from the atrocities of them and their appointed hooligans, corrupt politicians and officers and misinformed people. He was harassed and emotionally tortured, physically assaulted, offended, degraded, many times and transferred with intermediary suspensions all over his life. All these happened because he could not go with corruption and corrupt people and he adopted Gandhian simplicity, silent suffering and prayers. After retirement, he got some time to read about the Krishna of the *Mahabharata*. He came over the passages describing Krishna's valor, tactics, diplomacy, love, dutifulness, etc., in all peace or conflict situations. In the light of Krishna's actions, he analyzed his moral uprightness and actions and all his misfortunes. At last, he found only two things that he could not adopt, as Krishna did in similar situations. Then he thought to give a trial in adopting the same. For this, he contested the elections, adopting these two things that he missed out on and got success not only in the elections, but all through his life, secured prominent positions and removed the corruption as far as he could. His lifelong suffering and morals also paid off, making his image brighter for the public.

Based on the story, recognize the strategy and the two things that Krishna adopted, but Wangchu missed out on all the previous situations as he was an administrator.

Imagine the situations of each of his atrocities and suggest what course of action Wangchu could better adopt in those situations. 15

ୱାନଚୁ ନାମକ ଜଣେ ଯୁବସରକାରୀ କର୍ମଚାରୀ ଥିଲେ । ସେ ଉତ୍ତମ ଏବଂ ନ୍ୟାୟପୂର୍ଣ୍ଣ ଥିଲେ । ତାଙ୍କର ଉପଯୁକ୍ତ ମନୋବୃତ୍ତି ଓ ଦକ୍ଷତା ରହିଛି, କିନ୍ତୁ ଏକମାତ୍ର କଥା ସେ କେବେ ଅନୈତିକ ବ୍ୟକ୍ତି ଓ ସେମାନଙ୍କ କାର୍ଯ୍ୟ ପ୍ରତି ମୁଣ୍ଡ ନୁଆଁନ୍ତି ନାହିଁ । ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ ସେ ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଥିବାରୁ ସେ ସେମାନଙ୍କୁ ସାମନା କରୁଥିଲେ । ଏଥିପାଇଁ ସେ ସେମାନଙ୍କ ତଥା ସେମାନଙ୍କ ଦ୍ୱାରା ନିଯୁକ୍ତ ବଦମାସ ବ୍ୟକ୍ତି, ଦୁର୍ନୀତିଗ୍ରସ୍ତ ରାଜନେତା ଏବଂ ଅଧିକାରୀଙ୍କୁ ତଥା ଲୋକଙ୍କୁ ଭୁଲ ସୂଚନା ଦେଉଥିଲେ । ତାଙ୍କୁ ନିର୍ଯାତନା ଦିଆଯାଉଥିଲା ଏବଂ ଆବେଗିକ ଭାବେ ସେ ନିର୍ଯାତିତ ହେଉଥିଲେ, ଶାରୀରିକ ନିର୍ଯାତନା ଦିଆଯାଉଥିଲା, ଅପମାନିତ କରାଯାଉଥିଲା, ଅବମାନନା କରାଯାଉଥିଲା ଏବଂ ମଝିରେ ମଝିରେ ନିଲମ୍ବନ ସହିତ ତାଙ୍କୁ ଜୀବନ ସାରା ସ୍ଥାନାନ୍ତର କରାଯାଉଥିଲା । ସେ ଦୁର୍ନୀତିଗ୍ରସ୍ତ ଲୋକଙ୍କ ପାଖକୁ ଯାଇ ପାରିବେ ନାହିଁ କିମ୍ବା ଦୁର୍ନୀତି କରି ନ ପାରିବା କାରଣରୁ ଏହି ସବୁ ଘଟଣା ତାଙ୍କ ପ୍ରତି ଘଟିଥିଲା । ସେ ଗାନ୍ଧୀଙ୍କ ସରଳତା, ନିରବ ଯନ୍ତ୍ରଣା

ଏବଂ ପ୍ରାର୍ଥନାକୁ ଅନୁସରଣ କଲେ । ଅବସର ପରେ ସେ ମହାଭାରତର କୃଷ୍ଣଙ୍କ ବିଷୟରେ ପଢ଼ିବାକୁ କିଛି ସମୟ ପାଇଲେ । ସେ କୃଷ୍ଣଙ୍କ ବୀରତ୍ୱ, କୈଶଳ, କୁଟନୀତି, ପ୍ରେମ, କର୍ତ୍ତବ୍ୟନିଷ୍ଠା ଇତ୍ୟାଦି ବର୍ଣ୍ଣନା କରୁଥିବା ଅନୁଚ୍ଛେଦ ପଢ଼ିଲେ । କୃଷ୍ଣଙ୍କ କାର୍ଯ୍ୟକୁ ଦୃଷ୍ଟିରେ ରଖି ସେ ତାଙ୍କର ନୈତିକ ଉନ୍ନତି ଏବଂ କାର୍ଯ୍ୟ ତଥା ନିଜର ଦୁର୍ଭାଗ୍ୟକୁ ବିଶ୍ଳେଷଣ କରିଥିଲେ । ଶେଷରେ, ସେ କେବଳ ଦୁଇଟି ଜିନିଷ ପାଇଲେ ଯାହାକୁ ସେ ଗ୍ରହଣ କରିପାରି ନ ଥିଲେ, ଯେପରି ସମାନ ପରିସ୍ଥିତିରେ କରିଥିଲେ । ତା'ପରେ ସେ ସମାନ ଭାବେ ଗ୍ରହଣ କରିବାକୁ ଚେଷ୍ଟା କରିବାପାଇଁ ଚିନ୍ତା କଲେ । ଏଥିପାଇଁ ସେ ଦୁଇଟି ଜିନିଷକୁ ଗ୍ରହଣ କରି ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରିଥିଲେ ଏବଂ କେବଳ ନିର୍ବାଚନରେ ନୁହେଁ, ବରଂ ତାଙ୍କ ଜୀବନ ସାରା ସଫଳତା ହାସଲ କରିଥିଲେ, ପ୍ରତିଷ୍ଠିତ ପଦବୀ ହାସଲ କରିଥିଲେ ଏବଂ ଦୁର୍ନୀତିକୁ ସେ ଦୂର କରିଥିଲେ । ତାଙ୍କ ଆଜୀବନ ଦୁଃଖ ଯନ୍ତ୍ରଣା ଏବଂ ନୈତିକତା ମଧ୍ୟ ପରିଶୋଧ କରି ଜନସାଧାରଣଙ୍କ ପାଇଁ ତାଙ୍କ ଭାବମୂର୍ତ୍ତିକୁ ଉଜ୍ଜ୍ୱଳ କରିଥିଲା ।

କାହାଣୀ ଉପରେ ଆଧାର କରି, ରଣନୀତି ଏବଂ କୃଷ୍ଣ ଗ୍ରହଣ କରିଥିବା ଦୁଇଟି କଥାକୁ ଚିହ୍ନନ୍ତୁ, କିନ୍ତୁ ୱାନଙ୍କୁ ଜଣେ ପ୍ରଶାସକ ଥିବାରୁ ପୂର୍ବ ପରିସ୍ଥିତିରୁ ବଂଚିତ ହୋଇଥିଲେ ।

ତାଙ୍କର ପ୍ରତ୍ୟେକ ଅତ୍ୟାଚାରର ପରିସ୍ଥିତିକୁ କଳ୍ପନା କର ଏବଂ ସେହି ପରିସ୍ଥିତିରେ କେଉଁ କାର୍ଯ୍ୟ ୱାନଙ୍କୁ ଭଲ ଭାବରେ ଗ୍ରହଣ କିରପାରିବେ ପରାମର୍ଶ ଦିଅ ।

★★★

Candidate must not write on this margin.